# 20th Summit of SCO Council of Heads of State

November 10, 2020

## ସାଂଘାଇ ସହଯୋଗ ସଂଗଠନର ରାଷ୍ଟ୍ରମୁଖ୍ୟମାନଙ୍କ ପରିଷଦର ବିଂଶତମ ଶିଖର ସମ୍ମିଳନୀ

**ନଭେମ୍ବର 10, 2020**

ସାଂଘାଇ ସହଯୋଗ ସଂଗଠନ ବା ଏସସିଓର ରାଷ୍ଟ୍ରମୁଖ୍ୟମାନଙ୍କ ପରିଷଦର ବିଂଶତମ ଶିଖର ସମ୍ମିଳନୀ 10 ନଭେମ୍ବର 2020 ରେ ଭିଡିଓ କନଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ହୋଇଛି। ରୁଷ ରାଷ୍ଟ୍ରପତି ଶ୍ରୀ ଭ୍ଲାଦିମିର ପୁତିନ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ପ୍ରତିନିଧୀ ଦଳର ନେତୃତ୍ୱ ନେଇଥିଲେ। ଅନ୍ୟ ଏସସିଓ ସଦସ୍ୟ ରାଷ୍ଟ୍ରମାନଙ୍କର ପ୍ରତିନିଧିତ୍ୱ ସେମାନଙ୍କର ରାଷ୍ଟ୍ରପତି କରିଥିବାବେଳେ ଭାରତ ଓ ପାକିସ୍ତାନର ପ୍ରତିନିଧିତ୍ୱ ସେମାନଙ୍କର ପ୍ରଧାନମନ୍ତ୍ରୀ କରିଥିଲେ। ଏସସିଓ ସଚିବାଳୟର ସାଧାରଣ ସମ୍ପାଦକ, ଏସସିଓ ଆଞ୍ଚଳିକ ଆତଙ୍କବାଦ ବିରୋଧୀ ଢାଞ୍ଚାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ଏସସିଓର ଚାରି ପର୍ଯ୍ୟବେକ୍ଷକ ଦେଶ (ଆଫଗାନିସ୍ତାନ, ବେଲାରୁଷ, ଇରାନ ଓ ମଙ୍ଗୋଲିଆ)ର ରାଷ୍ଟ୍ରପତି ଏହି ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ।

ଭର୍ଚୁଆଲ୍ ଉପାୟରେ ଏହା ପ୍ରଥମ ଏସସିଓ ଶିଖର ସମ୍ମିଳନୀ ଏବଂ 2017 ରେ ଭାରତ ଏହି ସଂଗଠନର ପୂର୍ଣ୍ଣ ସଦସ୍ୟତା ପ୍ରାପ୍ତ କରିବା ପରେ ଏହା ତୃତୀୟ ସମ୍ମିଳନୀ ଯେଉଁଥିରେ ଭାରତ ଅଂଶଗ୍ରହଣ କରିଥିଲା। ଏସସିଓ ନେତାମାନଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କୋଭିଡ-19 ମହାମାରୀ କାରଣରୁ ଉପୁଜିଥିବା ଆହ୍ୱାନ ଏବଂ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଏହି ବୈଠକ ଆୟୋଜନ କରିଥିବାରୁ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ପ୍ରଧାନମନ୍ତ୍ରୀ ନିଜର ଅଭିଭାଷଣରେ କୋଭିଡ-19 ମହାମାରୀ ପ୍ରଭାବରେ ସାମାଜିକ ତଥା ଆର୍ଥିକ ସମସ୍ୟାରେ ପୀଡିତ ବିଶ୍ୱର ଆଶା ପୂରଣ କରିବା ପାଇଁ ବହୁପକ୍ଷୀୟ ସୁଧାରର ଆବଶ୍ୟକତା ଉପରେ ଆଲୋକପାତ କରିଛନ୍ତି। ମିଳିତ ଜାତିସଂଘ ସୁରକ୍ଷା ପରିଷଦର ଅସ୍ଥାୟୀ ସଦସ୍ୟ ଭାବେ ଭାରତ 1 ଜାନୁୟାରୀ 2021 ଠାରୁ ବୈଶ୍ୱିକ ପ୍ରଶାସନିକ ବ୍ୟବସ୍ଥାରେ ଆବଶ୍ୟକ ପରିବର୍ତ୍ତନ ପାଇଁ 'ବହୁପକ୍ଷୀୟ ସୁଧାର' ପ୍ରସଙ୍ଗ ଉପରେ ଧ୍ୟାନ କେନ୍ଦ୍ରିତ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ କ୍ଷେତ୍ରୀୟ ଶାନ୍ତି, ନିରାପତ୍ତା ଏବଂ ସମୃଦ୍ଧି ଉପରେ ଭାରତର ଦୃଢ ବିଶ୍ୱାସକୁ ଦୋହରାଇଛନ୍ତି ଏବଂ ଆତଙ୍କବାଦ, ଅସ୍ତ୍ରଶସ୍ତ୍ର ଏବଂ ନିଶାଦ୍ରବ୍ୟର ଅବୈଧ କାରବାର ତଥା ବେଆଇନ ଅର୍ଥ ହେରଫେର ବିରୋଧରେ ସ୍ୱର ଉତ୍ତୋଳନ ଉପରେ ଜୋର ଦେଇଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ଭାରତର ସାହସୀ ସୈନିକମାନେ ମିଳିତ ଜାତିସଂଘର ପ୍ରାୟ 50ଟି ଶାନ୍ତିରକ୍ଷା ମିଶନରେ ସାମିଲ ହୋଇଛନ୍ତି ଏବଂ ଭାରତର ଔଷଧ ଉଦ୍ୟୋଗ କୋଭିଡ-19 ମହାମାରୀ ସମୟରେ 150ରୁ ଅଧିକ ଦେଶକୁ ଅତ୍ୟାବଶ୍ୟକ ଔଷଧ ଯୋଗାଇ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ଏସସିଓ କ୍ଷେତ୍ର ସହିତ ଭାରତର ମଜବୁତ ସାଂସ୍କୃତିକ ତଥା ଐତିହାସିକ ସଂପର୍କକୁ ରେଖାଙ୍କିତ କରିଛନ୍ତି ଏବଂ ଆନ୍ତର୍ଜାତୀୟ ଉତ୍ତର-ଦକ୍ଷିଣ ପରିବହନ କରିଡର, ଚାବାହାର ବନ୍ଦର ଏବଂ ଅଶଗାବାତ ଚୁକ୍ତିନାମା ଭଳି ପଦକ୍ଷେପ ସହିତ ଏହି ଅଞ୍ଚଳରେ ଯୋଗାଯୋଗକୁ ସୁଦୃଢ କରିବା ଦିଗରେ ଭାରତର ଦୃଢ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ସେ ସଦସ୍ୟ ଦେଶମାନଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ 2021 ମସିହାରେ ଏସସିଓର ବିଂଶତମ ବର୍ଷ ପୂର୍ତ୍ତିକୁ 'ଏସସିଓ ସଂସ୍କୃତି ବର୍ଷ' ଭାବରେ ପାଳନ କରିବା ପାଇଁ ଭାରତର ସମ୍ପୂର୍ଣ୍ଣ ସହଯୋଗ ରହିବ। ଭାରତର ଜାତୀୟ ସଂଗ୍ରହାଳୟ ପକ୍ଷରୁ ସହଭାଗୀ ବୌଦ୍ଧ ଐତିହ ଉପରେ ପ୍ରଥମ ଏସସିଓ ପ୍ରଦର୍ଶନୀ, ଆସନ୍ତା ବର୍ଷ ଭାରତରେ ଏସସିଓ ଫୁଡ୍

ଫେଷ୍ଟିଭାଲର ଆୟୋଜନ ଏବଂ ଦଶଟି ଆଞ୍ଚଳିକ ସାହିତ୍ୟ କୃତିର ରୁଷ ଓ ଚୀନ ଭାଷାରେ ଅନୁବାଦ ଆଦି ଭାରତର ପ୍ରୟାସ ବିଷୟରେ ସେ କହିଥିଲେ।

30 ନଭେମ୍ବର 2020 ରେ ହେବାକୁ ଥିବା ଏସସିଓ ରାଷ୍ଟ୍ରମୁଖ୍ୟମାନଙ୍କ ପରିଷଦର ପରବର୍ତ୍ତୀ ନିୟମିତ ବୈଠକ ଭର୍ଚୁଆଲ୍ ଉପାୟରେ ଆୟୋଜନ କରିବାକୁ ଭାରତ ପ୍ରସ୍ତୁତ ଅଛି ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି। ଏସସିଓ ମଧ୍ୟରେ ନବୋନ୍ମେଷ ଏବଂ ଷ୍ଟାର୍ଟଅପ୍ ଲାଗି ଏକ ସ୍ୱତନ୍ତ୍ର ବୈଶ୍ୱିକ କାର୍ଯ୍ୟ ଗୋଷ୍ଠୀ ଗଠନ ଏବଂ ପାରମ୍ପାରିକ ଔଷଧ ଉପରେ ଏକ ଉପସମୂହ ଗଠନ କରିବାକୁ ମଧ୍ୟ ଭାରତ ପ୍ରସ୍ତାବ ଦେଇଛି। ମହାମାରୀ ପରବର୍ତ୍ତୀ ବିଶ୍ୱରେ ଭାରତର ବିଚାର 'ଆତ୍ମନିର୍ଭର ଭାରତ' ବିଷୟରେ ପ୍ରଧାନମନ୍ତ୍ରୀ ବିସ୍ତୃତ ଭାବରେ କହିଥିଲେ। ଏହା ବିଶ୍ୱ ଅର୍ଥବ୍ୟବସ୍ଥା ଏବଂ ଏସସିଓ କ୍ଷେତ୍ରର ଅର୍ଥନୈତିକ ପ୍ରଗତି ପାଇଁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇପାରେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଆସନ୍ତା ବର୍ଷ ଏସସିଓର ଅଧ୍ୟକ୍ଷତା ଗ୍ରହଣ କରୁଥିବାରୁ ତାଜିକିସ୍ତାନର ରାଷ୍ଟ୍ରପତି ଇମୋମାଲି ରାହୋମାନଙ୍କୁ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇଥିଲେ ଏବଂ ଭାରତ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ ନିମନ୍ତେ ଆଶ୍ୱାସନା ଦେଇଥିଲେ।

**ନୂଆଦିଲ୍ଲୀ**

**ନଭେମ୍ବର 10, 2020**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.